ଟାଟାଏସି ଓ ୫ ଲକ୍ଷ ଟଙ୍କାର ଲୁଟ୍ ଜିନିଷ ଜବତ, ୧ ଗିରଫ

ଭୁବନେଶ୍ୱର,୮।୧୧/ଏନ୍ଏନ୍ଏସ୍: କେବୁଲ୍ ତାର ଚୋରି କରୁଥିବା ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଲୁଟେରା ହେଲେ ଖାରବେଳନଗର ଥାନା ନିକଟସ୍ଥ ୟୁନିଟ୍-୩ ଅଞ୍ଚଳର ସେକ୍ ମୁଜିବୁର୍ ରେହେମାନ୍ (୨୮)। ପୁଲିସ ତା'ଠାରୁ ୫ଲକ୍ଷ ଟଙ୍କାର କେବୁଲ ତାର ସହ ଏକ ଟାଟାଏସି ଗାଡ଼ିକୁ ଜବତ କରିଛି। ଅଭିଯୁକ୍ତକୁ ପୁଲିସ ଗୁରୁବାର କୋର୍ଟ ଚାଲାଣ କରିଛି। ଲୁଟ୍ ଘଟଣାରେ ଫେରାର ଥିବା ୪ ଲୁଟେରାଙ୍କୁ ଧରିବା ପାଇଁ ପୁଲିସ ଚଢ଼ଉ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ଖାରବେଳନଗର ଥାନା ନିକଟସ୍ଥ ୟୁନିଟ୍-୩ ଅଞ୍ଚଳର ସେକ୍ ମୁଜିବୁର୍ ରେହେମାନ୍ ଓ ତା'ର ଅନ୍ୟ ୪ ସହଯୋଗୀ ମିଶି ଭରତପୁରରେ ଥିବା ଲକ୍ଷ୍ମୀ ଇଲେକ୍ଟ୍ରିକାଲ୍ ବ୍ୟବସାୟ କରୁଥିବା ସପନ କୁମାର ପରିଡ଼ାଙ୍କ ଗୋଦାମରୁ କେବୁଲ୍ ତାର ବୁଧବାର ବିଳମ୍ବିତ ରାତିରେ ଏମାନେ ଚୋରି କରୁଥିଲେ। ଲୋକେ ଏହା ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଜଣେ ଲୁଟେରାକୁ କାବୁ କରିବାରେ ସଫଳ ହୋଇଥିଲା। ହେଲେ ଘଟଣାସ୍ଥଳରୁ ୪ ଜଣ ଲୁଟେରା ଖସି ପଳାଇଥିଲେ। ଫଳରେ ପୁଲିସ ଟାଟାଏସି ଗାଡ଼ି ସହ ୫ ଲକ୍ଷ ଟଙ୍କାର ଲୁଟ୍ ତାରକୁ ଜବତ କରିଛି।

ଦୃଷ୍ଟିହୀନ ଅନ୍ତେବାସୀଙ୍କୁ ମାଡ଼

ପୁରୀ,୮।୧୧/ଏନ୍ଏନ୍ଏସ୍: ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରଗୋବିନ୍ଦ ପୁରରେ ମା'ଦକ୍ଷିଣକାଳୀ ଦୃଷ୍ଟିହୀନ ତାଲିମ୍ କେନ୍ଦ୍ରର ଅନ୍ତେବାସୀମାନଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ କାରିଣୀ ଠୁନୁ ମେଲି ନାମକ ଜଣେ ମହିଳା ସତ୍ୟବାଦୀ ଥାନାରେ ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ୍ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଅନ୍ତେବାସୀମାନେ ଗୁରୁବାର ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଛନ୍ତି। ତାଲିମ୍ କେନ୍ଦ୍ରର ଅନ୍ତେବାସୀମାନେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରି କହିଥିଲେ ଯେ ତାଲିମ କେନ୍ଦ୍ରରେ ବିଭିନ୍ନ ସ୍ଥାନର ୨୨ଜଣ ଦୃଷ୍ଟିହୀନ ରହି ସିଲେଇ କରିବା ସହିତ ଫିନାଇଲ ଓ ଧୂପକାଠି ପ୍ରସ୍ତୁତ କରିଥାନ୍ତି। ଉକ୍ତ ଅଞ୍ଚଳର ଅନାମ ସାହୁ ଏହି କେନ୍ଦ୍ର ପରିଚାଳନା କରିବା ସହ ଦୃଷ୍ଟିହୀନମାନଙ୍କୁ ସହାୟତା କରୁଛନ୍ତି।

ଅନାମଙ୍କ ସହ ତାଙ୍କ ପତ୍ନୀଙ୍କ ବିବାଦ ଲାଗି ରହିଛି। ଅନାମଙ୍କ ପତ୍ନୀ ତାଙ୍କ ଭଉଣୀ ଓ ଭିଣୋଇଙ୍କ ପାଖରେ ରହୁଛନ୍ତି। ଅନାମ ଦୃଷ୍ଟିହୀନଙ୍କୁ ସହାୟତା କରୁଥିବାରୁ ଏହା ସହ୍ୟ କରି ନ ପାରି ଅନାମଙ୍କ ସ୍ତ୍ରୀ ଓ ଭଉଣୀ-ଭିଣୋଇ ଦୃଷ୍ଟିହୀନମାନଙ୍କୁ ଅଯଥାରେ ଗାଳିଗୁଲଜ କରିବା ସହ ମାରଧର କରୁଛନ୍ତି। ଏପରିକି ଜୀବନରୁ ମାରିଦେବା ପାଇଁ ଧମକ ଦେଉଥିବା ଏସ୍‌ପିଙ୍କୁ ସେମାନେ ଅବଗତ କରିଛନ୍ତି।

କୁମ୍ଭକାରଙ୍କ ସମସ୍ୟା ଶୁଣିଲେ ରାଜସ୍ୱମନ୍ତ୍ରୀ

ପୁରୀ,୮।୧୧/ଏନ୍ଏନ୍ଏସ୍: ଚଳିତବର୍ଷ ଲଗାଣବର୍ଷା ଓ ବାତ୍ୟା 'ତିତ୍‌ଲି' ପ୍ରଭାବରେ ସମ୍ପ୍ରତି କୁମ୍ଭକାରମାନେ ହାଣ୍ଡିକୁଡ଼ୁଆ ପୋଡ଼ିବା ନେଇ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମହାକାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତି ନିମନ୍ତେ ଅଧିକ ପରିମାଣର ହାଣ୍ଡିକୁଡ଼ୁଆ ଆବଶ୍ୟକ ପଡୁଥିବା ବେଳେ ଏବେ ଖଡ଼ଁ, ଝାଟି ଏବଂ କାଠ ଆବଶ୍ୟକ ପରିମାଣରେ ମିଳୁନାହିଁ। ଦୀର୍ଘଦିନ ଧରି ଜଙ୍ଗଲରେ ପାଣି ଜମି ରହିବା ଏବଂ ଯଥେଷ୍ଟ ପରିମାଣର ଝାଟିକାଠି ମହଜୁଦ ନ ଥିବା କାରଣରୁ ଏହି ସମସ୍ୟା ସୃଷ୍ଟି ହୋଇଥିବା ଜଣାଯାଇଛି। ଏହି ସମସ୍ୟାର ସମାଧାନ ପାଇଁ ଓଡ଼ିଶା କୁରାଳ ମହାସଙ୍ଘର ଏକ ପ୍ରତିନିଧି ଦଳ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି। ମହାସଙ୍ଘର ପୁରୀ ଜିଲ୍ଲା କମିଟି ସଂପାଦକ ପ୍ରଫୁଲ୍ଲ କୁମାର ବିଶୋଇ, ଉପସଭାପତି ମହେନ୍ଦ୍ର ବିଶୋଇ, ସଦସ୍ୟ ନେତ୍ରାନନ୍ଦ ବିଶୋଇ, ବିମ୍ବାଧର ବିଶୋଇ, ତ୍ରିଲୋଚନ ବିଶୋଇ, ରାଧାମୋହନ ବିଶୋଇ, ରତ୍ନାକର ବିଶୋଇ, ବିଜୟ ବିଶୋଇ, ସର୍ବେଶ୍ୱର ବିଶୋଇ ପ୍ରମୁଖ କୁମ୍ଭକାରମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ବାଣ ବିସ୍ଫୋରଣରେ ୪୦ ଆହତ

କଟକ,୮।୧୧/ଏନ୍ଏନ୍ଏସ୍ : ଶେଷ ହୋଇଛି ଦୀପାବଳି। ବୁଧବାର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ(ଏସ୍‌ସିବି)ରେ ବାଣ ଦୁର୍ଘଟଣାରେ ୪୦ ଜଣ ଆହତ ହୋଇ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୨୪ ଜଣ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଯାଇଛନ୍ତି। ବାଣ ବିସ୍ଫୋରଣରେ ଗୁରୁତର ହୋଇଥିବା ୩ ଜଣ ପ୍ଲାଷ୍ଟିକ୍ ସର୍ଜରୀ ବର୍ଣ୍ଣ ୱାର୍ଡର ସ୍ୱତନ୍ତ୍ର ଶଯ୍ୟାରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ୫ ଜଣଙ୍କୁ ଅର୍ଥପେଡିକ୍ ଓ ୮ ଜଣଙ୍କୁ ସର୍ଜରୀ ୱାର୍ଡରେ ଚିକିତ୍ସା କରଯାଉଥିବା ଏସ୍‌ସିବି ମେଡିକାଲର ଆଶୁ ଚିକିତ୍ସା ଅଧିକାରୀ ଡା. ଭୁବନ ମହାରଣା ସୂଚନା ଦେଇଛନ୍ତି।

ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୮।୧୧/ଏନ୍ଏନ୍ଏସ୍ : ସରକାରୀ ଜମିକୁ କେନ୍ଦ୍ରକରି ମାର୍‌ପିଟ୍ ଓ ଗଣ୍ଡଗୋଳ ଘଟଣାରେ ଫେରାର୍ ଥିବା ଅଭିଯୁକ୍ତକୁ ଗୁରୁବାର ଏୟାରଫିଲ୍ଡ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଭୀମଟାଙ୍ଗି ଅନନ୍ତ ବିହାର ଅଞ୍ଚଳର ଲତା ଭୋଇଙ୍କ ଜ୍ୱାଇଁ ବୁଲୁ ଓରଫ ବୈରାଗୀ ଚରଣ ଭୋଇ।

ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୨୪ ତାରିଖରେ ଏକ ସରକାରୀ ଜମିରେ ପାଚେରି ନିର୍ମାଣକୁ କେନ୍ଦ୍ରକରି ପଡ଼ୋଶୀ ଡାଙ୍ଗେଇ ଦେଇଙ୍କ ସହିତ ଲତାଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଓ ମାର୍‌ପିଟ୍ ହୋଇଥିଲା।

ଗଣ୍ଡଗୋଳ ସମୟରେ ପ୍ରଦୀପ କୁମାର ପୃଷ୍ଟି ପହଞ୍ଚିବାରୁ ଡାଙ୍ଗେଇଙ୍କ ଦୁଇ ପୁଅ ମିଶି ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ପ୍ରଦୀପ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଦୁଇ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ଡାଙ୍ଗେଇଙ୍କ ଅଭିଯୋଗରେ ଲତାଙ୍କ ଜ୍ୱାଇଁ ଫେରାର ହୋଇଯାଇଥିଲେ। ପୁଲିସ ଲତାର ଜ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଉପବାଚସ୍ପତି ଓ ଉପନଗରପାଳ ସମର୍ଥକଙ୍କ ମଧ୍ୟରେ ଉତ୍ତେଜନା

ଟେଣ୍ଡରକୁ ନେଇ ବିଜେଡିର ଦୁଇଗୋଷ୍ଠୀରେ କନ୍ଦଳ

ବାରିପଦା,୮।୧୧/ଏନ୍ଏନ୍ଏସ୍: ବାରିପଦା ପୌର ପରିଷଦ ପକ୍ଷରୁ ବିଭିନ୍ନ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଇଥିବା ଟେଣ୍ଡରକୁ ନେଇ ବିଜେଡି ଶିବିର ମଧ୍ୟରେ ଗୋଷ୍ଠୀକନ୍ଦଳ ଚାଲିଥିବା ଜଣାଯାଇଛି। ଗୋଟିଏ ପଟେ ବିଧାନସଭା ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ପୌରପରିଷଦ ଅଧ୍ୟକ୍ଷାଙ୍କୁ ତାଙ୍କର ସମର୍ଥକଙ୍କ ମଧ୍ୟରୁ ୪୦ଜଣଙ୍କ ନାମ ସୁପାରିଶ କରିଥିବା ଅଭିଯୋଗ ହେଉଥିବା ବେଳେ ଅନ୍ୟପଟେ ତାଙ୍କର ଅତ୍ୟନ୍ତ ନିକଟତମ ତଥା ବାରିପଦା ପୌର ପରିଷଦର ଉପନଗରପାଳ ଜିତେନ୍ଦ୍ର ମହାନ୍ତିଙ୍କ ସମର୍ଥକଙ୍କର ନାମ ସୁପାରିଶ ନ କରିବା ଘଟଣା ଏବେ ଚର୍ଚ୍ଚା ଜୋର୍ ଧରିଛି। ଯାହାଫଳରେ ବିଜେଡି ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଆଲୋଚନା ହେଉଛି। ତେବେ ଶ୍ରୀ ମହାନ୍ତିଙ୍କ ସମର୍ଥକମାନେ ଏହାକୁ ବିରୋଧ କରିବା ସହ ବାରିପଦା ପୌର ପରିଷଦ ମଧ୍ୟରେ ପାଟିତୁଣ୍ଡ କରୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ବାରିପଦା ପୌର ପରିଷଦ ପକ୍ଷରୁ ୧୯୯ଟି ପ୍ରକଳ୍ପ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଛି। ଏହି ଟେଣ୍ଡର କିଣା ସମୟ ଗତ ମାସ ୨୯ତାରିଖରୁ ଚଳିତ ମାସ ୮ତାରିଖ ପର୍ଯ୍ୟନ୍ତ ରଖାଯାଇଛି। ତେବେ ଟେଣ୍ଡର ପକାଇବାର ଶେଷ ତାରିଖ ୯ ତାରିଖ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ରଖାଯାଇଛି। ୧୨ ତାରିଖ ମଧ୍ୟାହ୍ନରେ ଏହି ଟେଣ୍ଡର ଖୋଲାଯିବା ପାଇଁ ବାରିପଦା ପୌର ପରିଷଦ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ତେବେ ଗୋଟିଏ କାମ ବାବଦରେ ଦେଢ଼ ଲକ୍ଷ ଟଙ୍କାରୁ ଆରମ୍ଭ କରାଯାଇ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ତେବେ ମୋଟ ଏହି ୧୯୯ଟି କାମ ପାଇଁ ୨କୋଟି ୭୪ଲକ୍ଷ ୮୩ହଜାର ୭୭୬ଟଙ୍କା ଧାର୍ଯ୍ୟ କରାଯାଇଥିବା ଜଣାଯାଇଛି। ଏହି ଟେଣ୍ଡର ଆହ୍ୱାନ ହୋଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟରେ ବିଶେଷକରି ସିସିର ଉନ୍ନତି କରଣ, ଡ୍ରେନ୍ ନିର୍ମାଣ, ନୂଆ ସିସି ରୋଡ଼ ନିର୍ମାଣ, ନିର୍ମାଣାଧୀନ ରାସ୍ତାଗୁଡ଼ିକର ମରାମତି, କଲଭର୍ଟ ନିର୍ମାଣ, ଫୁଟ୍‌ପାଥ ନିର୍ମାଣ, ବିଭିନ୍ନ ୱାର୍ଡର ସିସି ରୋଡ଼ ମରାମତି କରଣ, ଫୁଟ୍‌ପାଥ ନିର୍ମାଣରେ ଟାଇଲ ସଂଯୋଗୀକରଣ, ବିଶେଷକରି ଅଧିକାଂଶ ସିସି ରୋଡ଼ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଏହାଛଡ଼ା ନୂତନ ପିଚୁ ରାସ୍ତା ନିର୍ମାଣ କରିବା, କମ୍ୟୁନିଟି ସେଣ୍ଟର ନିକଟରେ ୱାଟର୍ ଟ୍ୟାଙ୍କ୍ ନିର୍ମାଣ କରିବା, ଡ୍ରେନ୍ ମରାମତି କରିବା ଆଦି ୧୯୯ଟି କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା ରହିଛି। ତେବେ ଶାସକ ବିଜେଡି ଦଳର କର୍ମକର୍ତ୍ତାମାନେ ଯେପରି ଭାବେ ଏହି ଟେଣ୍ଡର ପାଇପାରିବେ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଦଳର ଅନ୍ୟ ସମର୍ଥକମାନେ ପ୍ରକାଶ କରିଛନ୍ତି। ଏପରିକି ଉପବାଚସ୍ପତି ଶ୍ରୀ ମାର୍ଣ୍ଡି ତାଙ୍କର ନିଜ ସମର୍ଥକ ଏବଂ ଅନ୍ୟ ଦଳରୁ ଆସିଥିବା ବ୍ୟକ୍ତିଙ୍କ ନାମ ସୁପାରିଶ କରିଛନ୍ତି ବୋଲି ଏହି କର୍ମୀମାନେ ଅଭିଯୋଗ କରିଛନ୍ତି। ଟେଣ୍ଡର ଫିକ୍ସିଂ ମାଧ୍ୟମରେ ଏହି କାର୍ଯ୍ୟ କରାଯାଉଛି ବୋଲି ସେମାନେ କହିଛନ୍ତି। ଏ ନେଇ ପୌର ପରିଷଦ ସମ୍ମୁଖରେ ପାଟିତୁଣ୍ଡ ହେଉଥିବା ବେଳେ ଏହି ଟେଣ୍ଡର ପ୍ରକ୍ରିୟାକୁ ବିରୋଧ କରାଯାଇଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଏହି ଟେଣ୍ଡରକୁ ନେଇ ଉପବାଚସ୍ପତି ଏବଂ ଉପନଗରପାଳଙ୍କ ସମର୍ଥକଙ୍କ ମଧ୍ୟରେ ଶୀତଳଯୁଦ୍ଧ ସୃଷ୍ଟି ହୋଇଥିବାରୁ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏ ନେଇ ବାରିପଦା ପୌର ପରିଷଦ ଅଧ୍ୟକ୍ଷା ବବିତା ଦାସଙ୍କୁ ଯୋଗାଯୋଗ କରାଯିବାରୁ ଟେଣ୍ଡର ନିମନ୍ତେ ଉପବାଚସ୍ପତି କାହାରି ନାମ ତାଙ୍କୁ ସୁପାରିଶ କରିନାହାନ୍ତି ଏବଂ ଏ ସଂପର୍କରେ ସେ କିଛି ଜାଣିନାହାନ୍ତି ବୋଲି ସିଧାସଳଖ କହିଛନ୍ତି।

ତେବେ ଉପବାଚସ୍ପତି ମାର୍ଣ୍ଡିଙ୍କୁ ଯୋଗାଯୋଗ କରାଯିବାରୁ ସେ ତାଙ୍କର କୌଣସି ସମର୍ଥକଙ୍କ ନାମ ସୁପାରିଶ କରିନାହାନ୍ତି। ବାରିପଦା ପୌର ପରିଷଦ ନିଜେ ଟେଣ୍ଡର ଆହ୍ୱାନ ପ୍ରକ୍ରିୟା ମାଧ୍ୟମରେ କରୁଛି ବୋଲି କହିଥିଲେ। ବାରିପଦା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଦାସଙ୍କ ସହ ଯୋଗାଯୋଗ କରାଯିବାରୁ ସେ ଏହାକୁ ଓପନ ଟେଣ୍ଡର ବୋଲି କହିବା ସହ ଯେଉଁମାନେ ଚାହିଁବେ ସେମାନେ ଆବେଦନ କରିପାରିବେ। ତେବେ ବିଜେଡି କର୍ମୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯାଉ ନାହିଁ ଏବଂ ଏହି ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ସେ ପ୍ରକଶ କରିଛନ୍ତି। ପ୍ରଦେଶ କଂଗ୍ରେସ ସମ୍ପାଦକ ଯୋଗେଶ ଅଗ୍ରୱାଲଙ୍କୁ ଯୋଗାଯୋଗ କରିବାରୁ ସେ ବାରିପଦା ପୌର ପରିଷଦରେ ପୂର୍ବରୁ ଯେଉଁମାନେ କାର୍ଯ୍ୟ କରୁଥିବେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରଯାଉଛି ବୋଲି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଏବଂ ଉକ୍ତ ବ୍ୟବସ୍ଥା ମଧ୍ୟରେ କଂଗ୍ରେସ କର୍ମୀମାନେ ଆସୁ ନଥିବାରୁ ସେମାନେ ଟେଣ୍ଡର ପାଇଁ ଆଗ୍ରହୀ ନାହାଁନ୍ତି ବୋଲି କହିଛନ୍ତି। ଜେଏମଏମ କେନ୍ଦ୍ରୀୟ କମିଟି ସଦସ୍ୟ କଳିଙ୍ଗକେଶରୀ ଜେନା ଏହାକୁ ବିଜେଡି ପକ୍ଷରୁ ଅଫଲାଇନ୍ ଟେଣ୍ଡର କରାଯାଇ ଦଲାଲି କରାଯାଉଥିବା କହିଛନ୍ତି।

ଦୀପାବଳିରେ ଆବ୍ରାରଙ୍କ ୩ଟି ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର,୮।୧୧/ଏନ୍ଏନ୍ଏସ୍: ଯୁବ ଲେଖକ ଆବ୍ରାର ମହମ୍ମଦଙ୍କ ଦୁଇଟି ପୁସ୍ତକ ଓ ଗୋଟିଏ କାଟାଲଗ୍ ବହି ଦ୍ୱୀପାବଳି ଅବସରରେ ଉନ୍ମୋଚିତ ହୋଇଯାଇଛି। ପିପିଲି ନିକଟ ଦାନଗୋହିର ସ୍ଥିତ ଲିଟରେଚର୍ ରକେଟ୍ ହୋମ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଆବ୍ରାରଙ୍କ ଲିଖିତ 'ସ୍କ୍ରିପ୍ଟ ଆର୍ଟିଷ୍ଟ ରକେଟ୍' ଓ 'କାନ୍ଥରେ କାନ୍ଥରେ ପ୍ରେମର ଗ୍ରନ୍ଥ' ନାମକ ଦୁଇ ଉପନ୍ୟାସ ଓ 'ମାଇଁ ବୁକ୍ କାଟାଲଗ୍' ଉନ୍ମୋଚିତ ହୋଇଯାଇଛି। ଦୁଇ ଉପନ୍ୟାସରେ ପ୍ରେମକୁ ସୁନ୍ଦର ଭାବେ ବ୍ୟାଖ୍ୟା କରିଛନ୍ତି ଆବ୍ରାର।

ଏହି ଉନ୍ମୋଚନ ଉତ୍ସବରେ ସାମାଜିକ କର୍ମୀ ତଥା ଲେଖକ ଶ୍ରୀ ଅଖଣ୍ଡ କହିଥିଲେ ଯେ, ଆବ୍ରାରଙ୍କ ପୁସ୍ତକ ସବୁ ବର୍ଗର ଲୋକଙ୍କ ପାଇଁ ପଠନୀୟ। ତାଙ୍କ ଲେଖା ଶୈଳୀ ଅନନ୍ୟ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରମୋଦ କୁମାର ପରିଡ଼ା, ଶ୍ରୁତିଲେଖିକା କବିତା ବେହେରା, ଶିକ୍ଷୟିତ୍ରୀ କଳ୍ପନା ମିଶ୍ର, ଏସ୍.କେ. ସଲିମ୍, କୟା ବେହେରା, ସୁରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଆବ୍ରାରଙ୍କ ଅନେକ ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ଆଦୃତି ପାଇଛି। ପାଠକଙ୍କ ସ୍ୱୀକୃତି ହିଁ ତାଙ୍କୁ ଲେଖିବାର ଶକ୍ତି ଦେଉଛି ବୋଲି ସେ ଏହି ଉତ୍ସବରେ ମତ ପ୍ରକାଶ କରିଥିଲେ।

ହବିଷ୍ୟାଳିଙ୍କ ଗିରିଗୋବର୍ଦ୍ଧନ ପୂଜା

ପୁରୀ,୮।୧୧/ଏନ୍ଏନ୍ଏସ୍: କାର୍ତ୍ତିକ ଶୁକ୍ଳ ପ୍ରତିପଦା ତିଥିରେ ପାରମ୍ପରିକ ନୀତିରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ବ୍ରତ କରିଥିବା ହବିଷ୍ୟାଳିମାନେ ଏହିପୂଜା କରିଛନ୍ତି। ହବିଷ୍ୟାଳିମାନେ ଗିରିଗୋବର୍ଦ୍ଧନ ପର୍ବତର ପ୍ରତିରୂପ ଗୋବରରେ ନିର୍ମାଣ କରିଥିଲେ। ଏହାର ଚତୁଃପାର୍ଶ୍ୱରେ ସେମାନେ ବିଭିନ୍ନ ରଙ୍ଗର ମୁରୁଜର ଚିତା ପକାଇଥିଲେ। ଗିରିଗୋବର୍ଦ୍ଧନ ପୂଜା ଓ ଆରତି କରାଯିବା ସହିତ ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରାଯାଇଥିଲା। ହବିଷ୍ୟାଳିମାନେ ସୂର୍ଯ୍ୟବନ୍ଦନା ଓ କୃଷ୍ଣବନ୍ଦନା ଗାନ କରିଥିଲେ। ପୌରାଣିକ ମତାନୁଯାୟୀ ଭଗବାନ ଶ୍ରୀକୃଷ୍ଣ ଏହି ଦିବସରେ ଇନ୍ଦ୍ରଙ୍କ କୋପରୁ ବୃନ୍ଦାବନବାସୀଙ୍କୁ ରକ୍ଷା କରିବା ପାଇଁ ଶ୍ରୀହସ୍ତରେ ଗିରିଗୋବର୍ଦ୍ଧନ ପର୍ବତକୁ ଟେକି ଧରିଥିଲେ। ଏହି ସ୍ମୃତିରେ ଗିରିଗୋବର୍ଦ୍ଧନ ପୂଜା ପାଳିତ ହୋଇଆସୁଛି।

ଝିଅ-ଜୋଇଁଙ୍କ ମୃତ୍ୟୁର ତଦନ୍ତ ଦାବି

ପୁରୀ,୮।୧୧/ଏନ୍ଏନ୍ଏସ୍: ମୋ ଜ୍ୱାଇଁ ଏବଂ ଝିଅର ସନ୍ଦେହଜନକ ମୃତ୍ୟୁ ଘଟିଛି। ଏ ସଂକ୍ରାନ୍ତରେ ନିରପେକ୍ଷ ତଦନ୍ତ କରାଯାଇ ଦୋଷୀମାନଙ୍କ ପ୍ରତି ଉଚିତ୍ ଦଣ୍ଡବିଧାନ ପାଇଁ ସ୍ଥାନୀୟ ମଣିକର୍ଣ୍ଣିକା ସାହିର ବଟକୃଷ୍ଣ ମୁଦିରସ୍ତ(୪୮) ପୁଲିସ୍‌କୁ ନିବେଦନ କରିଛନ୍ତି। ଶ୍ରୀ ମୁଦିରସ୍ତ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କର କନ୍ୟା ସଙ୍ଗୀତା ଓରଫ ସ୍ମୃତିସ୍ମିତା ମୁଦ୍ରା ୨୦୧୪ ଫେବୃଆରୀ ୪ରେ ପୁରୀ ବାରବାଟୀ ନୂଆସାହିସ୍ଥିତ ଗୋପାଳ ମୁଦ୍ରାଙ୍କ କନିଷ୍ଠ ପୁତ୍ର ଦେବପ୍ରସାଦ ମୁଦ୍ରାଙ୍କୁ ବିବାହ କରିଥିଲେ।

ବିବାହ ସମୟରେ କନ୍ୟାର ଶ୍ୱଶୁରଙ୍କ ବରାଦମତେ ୨ଲକ୍ଷ ଟଙ୍କା, ୧୫ଭରି ସ୍ୱର୍ଣ୍ଣ ଅଳଙ୍କାର, ବାସନକୁସନ, ପାଟବସ୍ତ୍ର ଏବଂ ଘରକରଣା ଜିନିଷପତ୍ର ଯୌତୁକ ଆକାରରେ ଦିଆଯାଇଥିଲା। ବିବାହ ପରେ ମୋ ଝିଅର ସମସ୍ତ ଗହଣା ମୋ ସମୁଦି ନେଇଯିବା ସହ ଗର୍ଭବତୀ ଥିବା ବେଳେ ମୋ ଝିଅକୁ ଶାରୀରିକ ନିର୍ଯାତନା ଦେଉଥିଲେ। ମୋ ଜ୍ୱାଇଁକୁ ମୋ ସହିତ ସମ୍ପର୍କ ନ ରଖିବା ପାଇଁ ପ୍ରବର୍ତ୍ତାଉଥିଲେ। ଏହାକୁ ନେଇ ସେମାନେ ବାରମ୍ବାର ମୋ ଝିଅ ଏବଂ ଜ୍ୱାଇଁ ସହିତ ପାଟିତୁଣ୍ଡ କରୁଥିଲେ। ଦିନେ ରାତିରେ ମୋ ଜ୍ୱାଇଁଙ୍କ ସହିତ ତା ଭାଇ ଓ ବାପାଙ୍କର ପ୍ରବଳ ପାଟିତୁଣ୍ଡ ହୋଇଥିଲା। ପରଦିନ ସକାଳୁ ଜ୍ୱାଇଁଙ୍କର ଶବ ମିଳିଥିଲା। ଗତ ଅକ୍ଟୋବର ୨୨ରେ ହଠାତ୍ ଝିଅର ବଡ଼ ଦେଢ଼ଶୁର ଆମ ଝିଅ ମରିଯାଇଥିବା ସଂକ୍ରାନ୍ତରେ ଖବର ଦେଇଥିଲେ। ଆମ୍ଭେ ତାଙ୍କ ଘରକୁ ଯାଇ ଝିଅର ଶ୍ୱଶୁର ଘର ପରିବାରଙ୍କୁ ପଚରାଉଚୁରା କରିବାରେ ସେମାନେ ଭିନ୍ନ ଭିନ୍ନ ମତ ଦେଇଥିଲେ। ସେମାନେ ଝିଅର ଶବ ଛୁଇଁବା ପାଇଁ ଆମକୁ ଦେଇ ନ ଥିଲେ। ସଙ୍ଗୀତା ଆତ୍ମହତ୍ୟା କରିଥିବା ତାର ଶ୍ୱଶୁର ଘର ଲୋକେ କହୁଥିବା ବେଳେ ସଙ୍ଗୀତା ଜ୍ୱାଇଁଙ୍କ ମୃତ୍ୟୁ ରହସ୍ୟ ଜାଣିଥିବାରୁ ତାକୁ ବାଟରୁ ହଟାଇବା ପାଇଁ ଶ୍ୱଶୁର ଘର ଲୋକମାନେ ମୋ ଝିଅକୁ ହତ୍ୟା କରିଛନ୍ତି ଏବଂ ଏହି ହତ୍ୟାକାଣ୍ଡର ପ୍ରମାଣ ନଷ୍ଟ କରିବା ପାଇଁ ଜଣେ ପୁଲିସ୍ କର୍ମଚାରୀ ସେମାନଙ୍କୁ ସହଯୋଗ କରିଥିବା ଶ୍ରୀ ମୁଦିରସ୍ତ ଏତଲାରେ ଦର୍ଶାଇଛନ୍ତି।

ଜାତୀୟ ସଂହତି ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୮।୧୧/ଏନ୍ଏନ୍ଏସ୍ : ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେହେରୁ ଯୁବ ପ୍ରତିଷ୍ଠାନର ୮ ଦିବସୀୟ ଜାତୀୟ ସଂହତି ମେଳା-୨୦୧୮ ନୂଆପଲ୍ଲୀସ୍ଥିତ କସ୍ତୁରବା ଶିକ୍ଷାଶ୍ରମ ଶିଶୁ ବିଦ୍ୟାମନ୍ଦିର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ଅତିଥି ଭାବେ ଆହ୍ଲାବାଦ ବ୍ୟାଙ୍କର ପୂର୍ବତନ ବରିଷ୍ଠ ପ୍ରବନ୍ଧକ ଗୟାଧର ପାଣିଗ୍ରାହୀ, ତାପସୀ ପାଣିଗ୍ରାହୀ, ସିଣ୍ଡିକେଟ୍ ବ୍ୟାଙ୍କର ପୂର୍ବତନ ପ୍ରବନ୍ଧକ ଲିଙ୍ଗରାଜ ମହାପାତ୍ର, ୩୭ ନମ୍ବର ୱାର୍ଡର କର୍ପୋରେଟର ନବକିଶୋର ବେହେରା ଏବଂ କସ୍ତୁରବା ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ନନ୍ଦ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଉପସ୍ଥିତ ପିଲାମାନଙ୍କୁ ଉପଦେଶ ପ୍ରଦାନ କରି ଅନୁଷ୍ଠାନର ଏତାଦୃଶ କାର୍ଯ୍ୟର ପ୍ରଶଂସା କରିଥିଲେ। ଶେଷରେ ଶଶିପ୍ରଭା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାହିତ୍ୟ ଓ ବୌଦ୍ଧିକ ବିକାଶ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ବିଚାରପତି ଭାବେ ସର୍ବଶ୍ରୀ ଚକ୍ରଧର ଦାଶ, ଲିଙ୍ଗରାଜ ମହାପାତ୍ର, ଦେବାଶିଷ ମହାପାତ୍ର, ଉଦ୍‌ଗାତା, ମୌସୁମୀ ମହାପାତ୍ର, ରେଖା ମହାପାତ୍ର, ତାପସୀ ପ୍ରହରାଜ, ଦିବ୍ୟସ୍ୱରୂପା ମହାନ୍ତି ପ୍ରମୁଖ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଏଥିରେ ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମନୋରଞ୍ଜନ ମହାନ୍ତି ସଞ୍ଚାଳନ କରିଥିଲେ ଏବଂ ସର୍ବଶ୍ରୀ ଦାଶରଥୀ ସେଠୀ, ଲିଙ୍ଗରାଜ ଦାସ, ସନାତନ ଦାସ, ବିନୋଦ ମହାନ୍ତି, ରାଜେଶ ପାତ୍ର, କୁଳମଣି ବିଶ୍ୱାଳ, ସନ୍ତୋଷ ଦାସ, ଉମାକାନ୍ତ ପାତ୍ର, ମାମାଲି, ଦିବ୍ୟସ୍ୱରୂପା ମହାନ୍ତି, ସତ୍ୟରଞ୍ଜନ ଦାସ, ଆଶୀଷ ବେବର୍ତ୍ତା, ଦେବାଶିଷ ମହାପାତ୍ର, ଅନୱାର ଆଲାମ, ତୁଷାର, ପିଣ୍ଟୁ ଏବଂ କସ୍ତୁରବା ଶିକ୍ଷାଶ୍ରମର କାହ୍ନୁଚରଣ ବେହେରା ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ସମ୍ପାଦକ ଗୌରାଙ୍ଗ ନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

କାଳୀପୂଜା ଓ ଦୀପାବଳି ପାଳନ

ବାରଙ୍ଗ,୮।୧୧/ଏନ୍ଏନ୍ଏସ୍: ବାରଙ୍ଗ ତଥା ଏହାର ଆଖପାଖ ଅଞ୍ଚଳମାନଙ୍କରେ କାଳୀପୂଜା ଓ ଆଲୋକର ପର୍ବ ଦୀପାବଳି ଖୁବ୍ ଧୁମଧାମରେ ପାଳିତ ହୋଇଯାଇଛି। ମୁଖ୍ୟତଃ ବାରଙ୍ଗ ଅଞ୍ଚଳରେ କେଉଁ ଆବହମାନ କାଳରୁ ସୀତାରାମ ବଜାରସ୍ଥିତ ଲେବର କଲୋନୀ ଏବଂ ରେଳବାଇ ଷ୍ଟେସନ ବଜାର ପୂଜା କମିଟି ଆନୁକୂଲ୍ୟରେ ପ୍ରତ୍ୟେକ ବର୍ଷଭଳି ଚଳିତ ବର୍ଷ ପାରମ୍ପରିକ ରୀତିନୀତିରେ କାଳୀପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ମା' କାଳୀଙ୍କ ମୃଣ୍ମୟ ମୂର୍ତ୍ତିମାନଙ୍କୁ ପୂଜା ଆରଧନା, ଚଣ୍ଡୀପାଠ ମନ୍ତ୍ର ଉଚ୍ଚାରଣ ପୂର୍ବକ ଜୀବନ୍ୟାସ କରାଯାଇ ପାଣି କଖାରୁ ବଳି ଦିଆଯାଇଥିଲା। ଏହାପରେ ପରଦିନ ଭୋର ସମୟରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଏହି ଉତ୍ସବ ୩ଦିନ ଧରି ଚାଲିବ ବୋଲି କୁହାଯାଇଛି।

ଉଭୟ ପୂଜା କମିଟି ପକ୍ଷରୁ ଅପେରା, ମେଲୋଡି ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଥିବା କମିଟିର କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି । ଏହାକୁ ଉପଭୋଗ କରିବା ପାଇଁ ପ୍ରତ୍ୟହ ସନ୍ଧ୍ୟାରେ ଆଖପାଖ ବିଭିନ୍ନ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିବା ଦେଖାଯାଇଥିଲା।

୧୦ରେ କିଟ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୮।୧୧/ଏନ୍ଏନ୍ଏସ୍: କିଟ୍ ବିଶ୍ୱବିଦ୍ୟାଳୟର ଚତୁର୍ଦ୍ଦଶ ସମାବର୍ତ୍ତନ ଉତ୍ସବ ଆସନ୍ତା ୧୦ ତାରିଖରେ କିଟ୍ ପରିସରରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ମୁଖ୍ୟବକ୍ତାଭାବେ ନୋବେଲ୍ ଶାନ୍ତି ପୁରସ୍କାର ବିଜେତା ତଥା ୱାର୍ଲ୍ଡ ଏକାଡେମୀ ଅଫ୍ ଆର୍ଟସ୍ ଆଣ୍ଡ କଲ୍‌ଚର୍‌ର ବରିଷ୍ଠ ଉପସଭାପତି ପ୍ରଫେସର ଡ. ଅର୍ନେଷ୍ଟୋ କାହାନ୍ ମୁଖ୍ୟବକ୍ତା ଭାବେ ଯୋଗଦେବେ। ଏହି ସମାବର୍ତ୍ତନ ଉତ୍ସବରେ ପ୍ରଫେସର ଡ. କାହାନ୍‌ଙ୍କ ସମେତ ସମାଜର ବିଭିନ୍ନ କ୍ଷେତ୍ରରେ ୬ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯିବ। ପ୍ରଫେସର କାହାନ୍‌ଙ୍କୁ ସମ୍ମାନସୂଚକ ଡି.ଏସି ଡିଗ୍ରୀ ପ୍ରଦାନ କରାଯିବାକୁ ଥିବାବେଳେ ସୁଇଜରଲାଣ୍ଡର ସାଂସଦ ନିକଲାଉସ୍-ସାମୁଏଲ୍ ଗଗର, ବ୍ରିଟେନ୍ ଜୁଡିସିଆଲ୍ ଆପଏଣ୍ଟମେଣ୍ଟ କମିଶନର୍ ଚେୟାରପର୍ସନ୍ ରୋଟାରିଆନ୍ ବାରୋନେସ୍ ଉଷା କୁମାରୀ ପ୍ରସାର, ଆଧ୍ୟାତ୍ମିକ ଗୁରୁ ପ୍ରଭୁ ଗୌର ଗୋପାଳ ଦାସ, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା, ନିର୍ଦ୍ଦେଶକ ତଥା ପ୍ରଯୋଜକ କବୀର ବେଦୀ, ବାଂଲାଦେଶର ଢାକାସ୍ଥିତ ଡାଫୋଡିଲ୍ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ମହମ୍ମଦ ସବୁର ଅଲ୍ଲୀଙ୍କୁ ସମ୍ମାନସୂଚକ ଡି.ଲିଟ୍ ଡିଗ୍ରୀ, ମଣିପୁର ଇମ୍ଫାଲସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବାୟୋରିସୋର୍ସେସ୍ ଆଣ୍ଡ ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ (ଆଇବିଏସ୍‌ଡି)ର ନିର୍ଦ୍ଦେଶକ ପ୍ରଫେସର ଦିନବନ୍ଧୁ ସାହୁଙ୍କୁ ସମ୍ମାନସୂଚକ ଡି.ଏସି ଡିଗ୍ରୀ ପ୍ରଦାନ କରାଯିବ। ଏହା ବ୍ୟତୀତ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପ୍ରଦାନ କରାଯିବା ସହ ୨୦୧୭-୧୮ ଶିକ୍ଷା ବର୍ଷରେ ବିଭିନ୍ନ ବିଭାଗରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ମଧ୍ୟ ପ୍ରଦାନ କରାଯିବ। ଏଥି ସହିତ ପ୍ରଫେସର କାହାନ୍, ଉଷା କୁମାରୀ ପ୍ରାସର, ସାଂସଦ ନିକଲାଉସ୍ ସାମୁଏଲ୍ ଗଗର୍, କବିର ବେଦୀ, ଭାରତରେ ଅବସ୍ଥାପିତ ବ୍ରିଟିଶ୍ କାଉନ୍‌ସିଲ୍‌ର ନିର୍ଦ୍ଦେଶକ ଆଲାନ ଗେମେଲ୍ ପ୍ରମୁଖ ଗୁରୁବାର କିଟ୍ ଓ କିସ୍ ପରିଦର୍ଶନରେ ଆସି କିସ୍‌ର ୨୭ହଜାର ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ପ୍ରଫେସର କାହାନ୍ କହିଲେ, ବର୍ତ୍ତମାନର ପିଢ଼ି ହେଉଛି ଏକମାତ୍ର ପିଢ଼ି ଯାହା ପାଖରେ ସମ୍ପୂର୍ଣ୍ଣ ପରିବର୍ତ୍ତନର ଦକ୍ଷତା ରହିଛି। ବିଶ୍ୱର ସବୁ ସ୍ଥାନରେ ଓ ସବୁ ଦେଶରେ ଅବହେଳିତ ଓ ନିଷ୍ପେସିତ ଶିଶୁ ରହିଛନ୍ତି। ଏପରି ଅନେକ ଶିଶୁ ସୁଇଜରଲାଣ୍ଡରେ ଅଛନ୍ତି ବୋଲି ସୁଇସ୍ ସାଂସଦ ନିକଲାଉସ୍ ସାମୁଏଲ୍ କହିଥିଲେ। ସେ କହିଲେ, ଏହି ଶିଶୁମାନଙ୍କଠାରେ ଦକ୍ଷତା ଏବଂ ମେଧାଶକ୍ତି ଥିଲେ ମଧ୍ୟ ଆବଶ୍ୟକ ସୁଯୋଗରୁ ସେମାନେ ବଞ୍ଚିତ। କିସ୍‌ରେ ପଢୁଥିବା ଛାତ୍ରଛାତ୍ରୀମାନେ ନିଜକୁ ଧନ୍ୟ ମନେକରିବା ଉଚିତ। ସେହିପରି ଅନ୍ୟତମ ଅତିଥି ଉଷା କୁମାରୀ କହିଲେ, କିସ୍ ପରିଦର୍ଶନ ମୋ ପାଇଁ ଏକ ସ୍ମରଣୀୟ ଅଭିଜ୍ଞତା ହୋଇ ରହିବ। କବିର ବେଦୀ ନିଜ ଅଭିଭାଷଣରେ କହିଲେ, ଭାରତର ସମାଜସେବା ଇତିହାସରେ କିସ୍ ହେଉଛି ଏକ ଉଜ୍ଜ୍ୱଳତମ ସ୍ତମ୍ଭ। ଗାମେଲ୍ କହିଲେ, ଶିକ୍ଷା ଦିଗରେ ଶ୍ରୀ ସାମନ୍ତଙ୍କ ଦୂରଦୃଷ୍ଟିରେ ଆମେ ଅନୁପ୍ରାଣିତ ହୋଇଛୁ। ସେ ଅବହେଳିତ ଓ ନିଷ୍ପେସିତ ଶିଶୁମାନଙ୍କ ଶିକ୍ଷା ପାଇଁ ଯାହା କରୁଛନ୍ତି ତାହା ସମଗ୍ର ବିଶ୍ୱବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ସମ୍ପାଦକ ଆର୍ ଏନ୍ ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ବେଦ ପ୍ରକାଶ, କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଦୀପାବଳିରେ ପିଠାପୁରରେ ଯୁବକଙ୍କ ମୃତ୍ୟୁ

କଟକ,୮।୧୧/ଏନ୍ଏନ୍ଏସ୍: ସହରରେ ଦୀପାବଳୀ ଓ କାଳୀପୂଜା ଅବସରରେ ପୁରୀଘାଟ ଥାନା ଅନ୍ତର୍ଗତ ପିଠାପୁର ମଝିସାହିରେ ଘଟିଥିଲା ଅଘଟଣ। ସାମାନ୍ୟ ବଚସାକୁ ନେଇ ୨ ଜଣ ଯୁବକଙ୍କ ମଧ୍ୟରେ ଠେଲାପେଲାରେ ଜଣେ ଯୁବକ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ୍ୟୁ ବକ୍ତି ଜଣକ ହେଉଛନ୍ତି ପୁରୀଘାଟ ଥାନା ଅନ୍ତର୍ଗତ ପିଠାପୁର ମଝିସାହି ଅଞ୍ଚଳର ମହାବାହୁ ଦଳେଇ ଓରଫ ଟିକି(୪୭)। ଏ ସଂପର୍କରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ବ୍ୟକ୍ତିଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇ ଥିଲେ। ଥାନାରେ ୩୭/୧୮ ନମ୍ବରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ରଶ୍ମି ରଂଜନ ସାହୁ ସୂଚନା ଦେଇଛନ୍ତି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତକାଲି ବିଳମ୍ବିତ ରାତିରେ ମହାବାହୁ ପିଠାପୁର ଖୁଣ୍ଟିଆ ଲେନରେ ପାଟିତୁଣ୍ଡ କରୁଥିଲେ । ବିଳମ୍ବିତ ରାତିରେ ମହାବାହୁ ସାହିରେ ଥିବା ଏକ ନାଳ ମଧ୍ୟରେ ପଡିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ କେହି ପେଲିଦେବାରୁ ସେ ପଡିଯାଇଥିଲେ। ପଥରରେ ତାଙ୍କର ମୁଣ୍ଡ ମାଡ ହେବା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। କିନ୍ତୁ ଏପର୍ଯ୍ୟନ୍ତ ମହାବାହୁଙ୍କ ପରିବାର ପକ୍ଷରୁ ଥାନାରେ ହତ୍ୟା କରାଯିବା ସଂପର୍କରେ କୌଣସି ଅଭିଯୋଗ କରାଯାଇନାହିଁ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।